# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**2 February - 2025**

**News Editor : Tapan Kumar Moharana**

********************************

## ମୁଖ୍ୟ ସମ୍ବାଦ

- ସୁଭଦ୍ରା ଯୋଜନାର ପ୍ରଥମ କିସ୍ତିର ଚତୁର୍ଥ ପର୍ଯ୍ୟାୟ ଆର୍ଥିକ ସହାୟତା ଚଳିତ ମାସ ୮ ତାରିଖରେ ଦିଆଯିବ; କହିଲେ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା

- ଭକ୍ତି ଓ ଶ୍ରଦ୍ଧାର ସହିତ ପାଳନ କରାଯାଉଛି ବିଦ୍ୟାଦାତ୍ରୀ ମା' ସରସ୍ୱତୀଙ୍କର ପୂଜାର୍ଚ୍ଚନା

— ରଥଯାତ୍ରା ପାଇଁ ରଥଖଳାରେ ଆଜି ହେବ ରଥକାଠ ଅନୁକୂଳ

- ଦ୍ରବ୍ୟ ଓ ସେବା କର - ଜିଏସ୍‌ଟି ଗତମାସରେ ୧ ଲକ୍ଷ ୯୫ ହଜାର କୋଟି ଟଙ୍କାରୁ ଊର୍ଦ୍ଧ୍ୱ ରାଜସ୍ୱ ସଂଗ୍ରହ

ଏବଂ

- ରାଜ୍ୟର ପଶ୍ଚିମ ଏବଂ ଆଭ୍ୟନ୍ତରୀଣ ଜିଲ୍ଲାଗୁଡ଼ିକରେ ଆସନ୍ତା ସପ୍ତାହରେ ୩ ରୁ ୪ ଡିଗ୍ରୀ ତାପମାତ୍ରା ବୃଦ୍ଧି ପାଇବା ନେଇ ପାଣିପାଗ ବିଭାଗର ଅନୁମାନ

## ସୁଭଦ୍ରା ଯୋଜନା

ଚଳିତମାସ ୮ ତାରିଖ ଦିନ ସୁଭଦ୍ରା ଯୋଜନା ପ୍ରଥମ କିସ୍ତିର ଚତୁର୍ଥ ପର୍ଯ୍ୟାୟ ସହାୟତାରାଶି ଦିଆଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀମତୀ ପରିଡା କହିଛନ୍ତି, ଏହି ପର୍ଯ୍ୟାୟରେ ଯାଜପୁର ଜିଲ୍ଲାରୁ ସୁଭଦ୍ରା  ସହାୟତାରାଶି ବଣ୍ଟନ କାର୍ଯ୍ୟକ୍ରମ ଆରମ୍ଭ ହେବ।

ହିତାଧିକାରୀମାନଙ୍କର ଆସନ୍ତାକାଲି ଏବଂ ମଙ୍ଗଳବାର ଦିନ  ବ୍ୟାଙ୍କ ଯାଇ ଏନ୍‌ପିସିଆଇ ଯାଞ୍ଚ କରିବାକୁ ଶ୍ରୀମତୀ ପରିଡା ପରାମର୍ଶ ଦେଇଛନ୍ତି।

**-V/O-**

ସୂଚନାଯୋଗ୍ୟ, ଗତବର୍ଷ ସେପ୍ଟେମ୍ବର ମାସ ୧୭ ତାରିଖରେ ସୁଭଦ୍ରା ଯୋଜନାର ଶୁଭାରମ୍ଭ ହୋଇଥିଲା। ବର୍ତ୍ତମାନ ସୁଦ୍ଧା ୮୦ ଲକ୍ଷ ହିତାଧିକାରୀ ସୁଭଦ୍ରା ଯୋଜନାର ସହାୟତାରାଶି ପାଇଛନ୍ତି। ଆସନ୍ତା ମାର୍ଚ୍ଚ ମାସ ୮ ତାରିଖରେ ସୁଭଦ୍ରା ଯୋଜନାର ଦ୍ୱିତୀୟ କିସ୍ତିର ପ୍ରଥମ ପର୍ଯ୍ୟାୟ ଟଙ୍କା ଦିଆଯିବ ବୋଲି ସରକାର ଘୋଷଣା କରିଛନ୍ତି।

## ବଜେଟ୍‌-ବ୍ୟୟବରାଦ

ସଂସଦର ବଜେଟ୍ ଅଧିବେଶନରେ ଗତକାଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆଗତ କରିଥିବା କେନ୍ଦ୍ରୀୟ ବଜେଟ୍‌ରେ  ଜାତୀୟ ଅଭିବୃଦ୍ଧି ହାରକୁ ଆହୁରି ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟରେ କେତେକ ନିର୍ଦ୍ଦିଷ୍ଟ କ୍ଷେତ୍ରକୁ

ଗୁରୁତ୍ୱ ଦେଇଛନ୍ତି। ମଧ୍ୟବର୍ତ୍ତୀ ଶ୍ରେଣୀକୁ ସଶକ୍ତ କରିବା ସହିତ ଗରିବ, ଯୁବପିଢ଼ି, ଚାଷୀ ଏବଂ ମହିଳାଙ୍କୁ ସଶକ୍ତ କରିବା ପାଇଁ ସରକାର ପ୍ରତିଶ୍ରୁତି ଦେଇଛନ୍ତି। ଟିକସ ବ୍ୟବସ୍ଥାରେ ସଂସ୍କାର ଆଣିବା ସହିତ ସହରାଞ୍ଚଳ ବିକାଶ, ବିତ୍ତୀୟ କ୍ଷେତ୍ରରେ ପରିଚାଳନାଗତ ସଂସ୍କାର ଆଣିବା ପାଇଁ ଗୁରୁତ୍ୱ ଦିଆଯାଇଛି। ସମାବେଶୀ ବିକାଶକୁ ବଜେଟ୍‌ରେ ପ୍ରାଧାନ୍ୟ ଦିଆଯାଇଛି। ଅର୍ଥମନ୍ତ୍ରୀ ଆଗତ କରିଥିବା ବଜେଟ୍‌ର ପରିମାଣ ୫୦ ଲକ୍ଷ ୬୫ ହଜାର ୩୪୫ କୋଟି ରହିଛି। ସେଥିମଧ୍ୟରୁ  ସର୍ବାଧିକ ଅର୍ଥମନ୍ତ୍ରଣାଳୟକୁ ୧୯ ଲକ୍ଷ ୩୯ ହଜାର କୋଟି ଟଙ୍କାରୁ ଊର୍ଦ୍ଧ୍ୱ ବ୍ୟବବରାଦ କରାଯାଇଥିବାବେଳେ ଦ୍ୱିତୀୟ ସ୍ଥାନରେ ପ୍ରତିରକ୍ଷା ବଜେଟ୍‌ର ପରିମାଣ ୬ ଲକ୍ଷ ୮୧ ହଜାର ୨୧୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ରହିଛି। ସଡକ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ପାଇଁ ୨ ଲକ୍ଷ ୮୭ ହଜାର ୩୩୩ କୋଟି ଟଙ୍କା ବଜେଟ୍‌ରେ ବ୍ୟବବରାଦ କରାଯାଇଛି।

କେନ୍ଦ୍ରୀୟ ବଜେଟ୍‌ରେ 'ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନା' ପାଇଁ ପାଣ୍ଠି ପୂର୍ବବର୍ଷ ଭଳି ଅପରିବର୍ତ୍ତିତ ରହିଛି। ଗ୍ରାମାଞ୍ଚଳ ଶ୍ରମିକଙ୍କୁ ପୂର୍ବବର୍ଷ ଭଳି ୧୦୦ ଦିନର ନିଯୁକ୍ତି ପ୍ରଦାନ  କରାଯିବ। ଅନ୍ୟପକ୍ଷରେ, ବଜେଟ୍‌ରେ ଆଦିବାସୀ ମନ୍ତ୍ରଣାଳୟକୁ ପୂର୍ବବର୍ଷ ତୁଳନାରେ ୪୫ ପ୍ରତିଶତ ଅଧିକ ବ୍ୟୟ ବରାଦ କରାଯାଇଛି।

## କେନ୍ଦ୍ରୀୟ ଅନୁଦାନ

କେନ୍ଦ୍ରୀୟ ଟିକସ ବାବଦରେ ଆଗାମୀ ଆର୍ଥିକ ବର୍ଷ ୨୦୨୫-୨୬ରେ ଓଡ଼ିଶାକୁ ଅଧିକ ୯ହଜାର ୧୭୬ କୋଟି ଟଙ୍କା ମିଳିବ । ସେହିଭଳି କେନ୍ଦ୍ରୀୟ ଅନୁଦାନ ବାବଦରେ ୬ହଜାର ୭୯୮ କୋଟି ଟଙ୍କା ରାଜ୍ୟ ପାଇବ । ଆଗାମୀ ଆର୍ଥିକ ବର୍ଷରେ ଓଡ଼ିଶା କେନ୍ଦ୍ର ସରକାରଙ୍କ ଠାରୁ ୧୫ହଜାର ୯୭୪କୋଟି ଟଙ୍କା ଅଧିକ ପାଇବ ବୋଲି ବଜେଟ୍ ଅନୁଦାନରୁ ଜଣାପଡିଛି ।

## ସଂସଦରେ ନୂଆ ଆୟକର ବିଲ୍

କେନ୍ଦ୍ର ସରକାର ଆସନ୍ତା ସପ୍ତାହରେ ସଂସଦରେ ନୂଆ ଆୟକର ବିଲ୍ ଆଣିବେ । ନୂଆ ଆଇନ ସରଳ ଏବଂ ଟିକସ ବାବଦକୁ କମାଇବାରେ ସହାୟକ ହେବ ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ତାଙ୍କର ବଜେଟ୍ ଅଭିଭାଷଣରେ ଗତକାଲି କହିଛନ୍ତି । ଟିକସଦାତାଙ୍କ ପାଇଁ ନୂଆ ଆୟକର ବିଲ୍ ବୁଝିବା ସହଜ ହେବ । ନୂଆ ଆଇନ୍ ମାଧ୍ୟମରେ ବକେୟା ଟିକସ ହିସାବ କରିବା ଏବଂ ଆୟକର ରିଟର୍ଣ୍ଣ ଫାଇଲ କରିବା ସହଜ ହେବା ସହିତ ଆୟକର ଆଇନ୍ ୧୯୬୧ରେ କେତେକ ସଂଶୋଧନ କରାଯିବା ନେଇ ଅର୍ଥମନ୍ତ୍ରୀ ତାଙ୍କର ବଜେଟ୍ ଅଭିଭାଷଣରେ କହିଛନ୍ତି ।

ସୂଚନାଯୋଗ୍ୟ ଗତକାଲି ବଜେଟ୍ ଅଭିଭାଷଣରେ ୧୨ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟରେ' ଆୟକର ସମ୍ପୂର୍ଣ୍ଣ ଛାଡ଼ ପାଇଁ ଶ୍ରୀମତୀ ସୀତାରମଣ ଘୋଷଣା କରିଛନ୍ତି ।

## ଶ୍ରୀମନ୍ଦିର-ସରସ୍ୱତୀ ପୂଜା

ପବିତ୍ର ମାଘ ଶୁକ୍ଳ ପଞ୍ଚମୀରେ ହିନ୍ଦୁ ସଂସ୍କୃତି ଅନୁସାରେ ମା’ ସରସ୍ୱତୀଙ୍କୁ ସିଦ୍ଧିଦାତ୍ରୀ, କଳାର ଅଧିଷ୍ଠାତ୍ରୀ ତଥା ବିଦ୍ୟାଦାୟିନୀ ଭାବେ ପୂଜାର୍ଚ୍ଚନା କରାଯାଇଥାଏ । ବସନ୍ତ ମାସର ପଞ୍ଚମୀ ତିଥିରେ ମା’ ସରସ୍ୱତୀଙ୍କର ତିଥି ପଡୁଥିବା ଯୋଗୁଁ ଏହାକୁ ବସନ୍ତ ପଞ୍ଚମୀ ବା ଶ୍ରୀମପଞ୍ଚମୀ କୁହାଯାଇଥାଏ । ବସନ୍ତ ପଞ୍ଚମୀ ଉପଲକ୍ଷେ ଦେଶରେ ଶ୍ରଦ୍ଧା, ଭକ୍ତି ଓ ଧର୍ମୀୟ ଭାବନାରେ ଶ୍ରୀପଞ୍ଚମୀ ପାଳନ କରାଯାଉଛି । ସମସ୍ତ ଶିକ୍ଷାନୁଷ୍ଠାନରେ ମା’ଙ୍କ ପୂଜାର ଆୟୋଜନ କରାଯାଇଛି। ମାଘମାସ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ମା’ଙ୍କୁ ପୂଜା କରାଯାଏ। ହିନ୍ଦୁ ପଞ୍ଚାଙ୍ଗ ଅନୁଯାୟୀ ଏହାକୁ ବସନ୍ତ ପଂଚମୀ ମଧ୍ୟ କୁହାଯାଏ। ହିନ୍ଦୁ ଧର୍ମ ବ୍ୟତୀତ ବୌଦ୍ଧ, ଜୈନ ଧର୍ମରେ ମଧ୍ୟ ସରସ୍ୱତୀଙ୍କର ଆରାଧନା ରହିଛି। ତିବତ୍, ଚୀନ୍ ଓ ଜାପାନ୍‌ରେ ମଧ୍ୟ ଦେବୀ ସରସ୍ୱତୀ ବୌଦ୍ଧ ଦେବୀ ଭାବେ ପୂଜା ପାଇଥାନ୍ତି।

ପୁରୀ ଶ୍ରୀମନ୍ଦିରରେ ଦେବୀ ସରସ୍ୱତୀଙ୍କ ପୂଜାର୍ଚ୍ଚନା ଆରମ୍ଭ ହୋଇଛି । ରଥଯାତ୍ରା ପାଇଁ ଆଜିଠାରୁ ପୂଜାର୍ଚ୍ଚନା ପୂର୍ବକ ରଥକାଠର ଅନୁକୂଳ ହେବ । ପରମ୍ପରା ଅନୁସାରେ ମହାପ୍ରଭୁଙ୍କ ରଥନିର୍ମାଣ ପାଇଁ ଆସିଥିବା କାଠ ମଧ୍ୟରୁ ୩ ଖଣ୍ଡ ଧଉରା କାଠ ରଥଖଳାରେ ପୂଜା କରାଯିବ । ଆଗାମୀ ରଥଯାତ୍ରାକୁ ଶାନ୍ତିଶୃଙ୍ଖଳା ଓ ସୁରୁଖୁରୁରେ ସମାପନ କରିବା ନେଇ ମା’ ସରସ୍ୱତୀଙ୍କ ନିକଟରେ ପୂଜାର୍ଚ୍ଚନା କରାଯିବ ।

ସରସ୍ୱତୀ ପୂଜା ଅବସରରେ **ପ୍ରଧାନମନ୍ତ୍ରୀ** ନରେନ୍ଦ୍ର ମୋଦୀ ଦେଶବାସୀଙ୍କୁ ବସନ୍ତ ପଞ୍ଚମୀର ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି। **ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ ତାଙ୍କ ଶୁଭେଚ୍ଛା ବାର୍ତ୍ତାରେ ବିଦ୍ୟାଦାୟିନୀ ମା’ ସରସ୍ୱତୀଙ୍କ ଅପାର କୃପାରୁ ବିଦ୍ୟାର୍ଥୀଙ୍କ ଜୀବନଜ୍ଞାନର ଆଲୋକରେ ଆଲୋକିତ ହେଉ ବୋଲି  କାମନା କରିଛନ୍ତି। **କେନ୍ଦ୍ରମନ୍ତ୍ରୀ** ଧର୍ମେନ୍ଦ୍ର ପ୍ରଧାନ ପବିତ୍ର ବସନ୍ତ ପଂଚମୀର ଶୁଭେଚ୍ଛା ଜଣାଇ ଶ୍ରୀପଞ୍ଚମୀ ହେଉଛି ଜ୍ଞାନ, ବିଦ୍ୟା ଓ କଳାର ଦେବୀ ସରସ୍ୱତୀଙ୍କ ପାଇଁ ସମର୍ପିତ ବୋଲି କହିଛନ୍ତି।

## ଜିଏସ୍‌ଟି ସଂଗ୍ରହ

କେନ୍ଦ୍ର ସରକାର ଗତ ମାସରେ ୧ ଲକ୍ଷ ୯୫ ହଜାର ୫୦୬ କୋଟି ଟଙ୍କାର ଦ୍ରବ୍ୟ ଓ ସେବା କର-ଜିଏସ୍‌ଟି ସଂଗ୍ରହ କରିଥିବା ଅର୍ଥ ମନ୍ତ୍ରଣାଳୟ ସୂଚନାରୁ ଜଣାପଡିଛି। ୨୦୨୪ ମସିହା ଜାନୁୟାରୀ ମାସ ତୁଳନାରେ ଚଳିତବର୍ଷ ଜାନୁୟାରୀ ମାସରେ  ୧୨ ଦଶମିକ ୩ ପ୍ରତିଶତ ଅଧିକ ଜିଏସ୍‌ଟି ଆଦାୟ ହୋଇଛି। ଅନ୍ୟପକ୍ଷରେ, ଗତ ଜାନୁୟାରୀ ମାସରେ ଓଡ଼ିଶାରୁ ୫ ହଜାର ୩୩୧ କୋଟି ଟଙ୍କାର ଜିଏସ୍‌ଟି ରାଜସ୍ୱ ସଂଗ୍ରହ କରାଯାଇଥିବାବେଳେ ୨୦୨୪ ମସିହା ଜାନୁୟାରୀ ମାସରେ ୪ ହଜାର ୯୬୩ କୋଟି ଟଙ୍କା ରାଜ୍ୟ ସରକାର ଜିଏସ୍‌ଟି ରାଜସ୍ୱ ସଂଗ୍ରହ କରିଥିଲେ।

# ମୁଖ୍ୟମନ୍ତ୍ରୀ-ବର୍ଣ୍ଣବୋଧ

ମଧୁସୂଦନ ରାଓଙ୍କ ଆଜି ଜନ୍ମତିଥି ଅବସରରେ କୃଷି ଭବନଠାରେ ‘ବର୍ଣ୍ଣବୋଧ ପୁସ୍ତକ’ର ଲୋକାର୍ପଣ କାର୍ଯ୍ୟକ୍ରମ ଚାଲିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗ ଦେଇଛନ୍ତି।  ଓଡ଼ିଆ

ବର୍ଣ୍ଣବୋଧ ପ୍ରଥମେ ଓଡ଼ିଆ ଭାଷା ଶିକ୍ଷାର ମୁଳଦୂଆ ପକାଇଥିଲା । ମଧୁସୂଦନ ରାଓଙ୍କ ଦ୍ୱାରା ଲିଖିତ ବର୍ଣ୍ଣବୋଧ ବନାନଠାରୁ ଆରମ୍ଭ କରି ଯୁକ୍ତାକ୍ଷର ଶିକ୍ଷା ଏବଂ ଗଣିତ ଜ୍ଞାନ ପର୍ଯ୍ୟନ୍ତ ପିଲାମାନଙ୍କୁ ପାଠପଢ଼ାର ପ୍ରଥମ ପର୍ଯ୍ୟାୟରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରେରଣା ଦେଇଥାଏ ।

## କ୍ଷେପଣାସ୍ତ୍ର ପରୀକ୍ଷଣ

ଓଡ଼ିଶାର ଚାନ୍ଦିପୁର ସ୍ଥିତ କ୍ଷେପଣାସ୍ତ୍ର ଘାଟୀରୁ ସ୍ୱଳ୍ପ ଦୂରଗାମୀ ବାୟୁ ପ୍ରତିରକ୍ଷା ପ୍ରଣାଳୀ ଭି.ଏସ୍.ଏଚ୍.ଓ-ଆର.ଏ.ଡି.ଏସ୍. କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ ହୋଇଛି । ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଏହି କ୍ଷେପଣାସ୍ତ୍ର ପ୍ରତିପକ୍ଷର ଅଳ୍ପ ଉଚ୍ଚତାରେ ଦ୍ରୁତଗତିରେ ଆସୁଥିବା କ୍ଷେପଣାସ୍ତ୍ରକୁ ଲକ୍ଷ୍ୟ ଭେଦ କରିଥିଲା । ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଙ୍ଗଠନରୁ ମିଳିଥିବା ସୂଚନା ଅନୁସାରେ, ଗତକାଲି କରାଯାଇଥିବା ୩ଟି ପରୀକ୍ଷଣ ସଫଳତାର ସହିତ ପ୍ରତିପକ୍ଷ କ୍ଷେପଣାସ୍ତ୍ରକୁ ଧ୍ୱଂସ କରିବାରେ ସଫଳ ହୋଇଥିଲା । ଭି.ଏସ୍.ଏଚ୍.ଓ-ଆର.ଏ.ଡି.ଏସ୍. କ୍ଷେପଣାସ୍ତ୍ର ଭାରତୀୟ ପ୍ରତିରକ୍ଷା ବାହିନୀର ୩ଟି ବିଭାଗର ଆବଶ୍ୟକତାକୁ ପୂରଣ କରିପାରିବ ବୋଲି ରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ।

# ବାରବାଟୀ ଦିନିକିଆ-ଟିକଟ ବୁକିଂ

ବାରବାଟୀ ଷ୍ଟାଡିୟମରେ ଆସନ୍ତା ୯ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଭାରତ-ଇଂଲଣ୍ଡ ଦ୍ୱିତୀୟ ଦିନିକିଆ ମ୍ୟାଚ୍ ପାଇଁ ଆଜିଠାରୁ ଅନ୍‌ଲାଇନ୍ ମାଧ୍ୟମରେ ଟିକଟ ବୁକିଂ ଆରମ୍ଭ ହେଉଛି । ଓଡ଼ିଶା କ୍ରିକେଟ୍ ଆସୋସିଏସନ - ଓସିଏ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ୪ହଜାର ଟିକଟ ଅନ୍‌ଲାଇନ୍

ମାଧ୍ୟମରେ ବିକ୍ରି କରାଯିବ । ଜଣେ ବ୍ୟକ୍ତି ସର୍ବାଧିକ ୨ଟି ଟିକଟ ଅନ୍‌ଲାଇନ୍ ମାଧ୍ୟମରେ ବୁକିଂ କରିପାରିବେ ।

## ଡଙ୍ଗାବୁଡି

**କୋରାପୁଟ** ଜିଲ୍ଲା ନନ୍ଦପୁର ବ୍ଲକ୍ ବିଲାପୁଟ ପଞ୍ଚାୟତ ଜୋଲାପୁଟ ଡ୍ୟାମ୍ ଜଳଭଣ୍ଡାରରେ ଡଙ୍ଗାବୁଡି ଘଟଣାରେ ନିଖୋଜ  ଦୁଇ ନାବାଳକଙ୍କୁ ଖୋଜିବା ପାଇଁ ଅଗ୍ନିଶମ ଏବଂ ଓଡ୍ରାଫ୍ ଦଳର ସହାୟତା ନିଆଯିବ ବୋଲି ଜିଲ୍ଲାପାଳ ଭି.କିର୍ତ୍ତୀଭାସନ କହିଛନ୍ତି। ସୂଚନାଯୋଗ୍ୟ, ଗତକାଲି ସନ୍ଧ୍ୟାରେ ଜଳଭଣ୍ଡାରରେ ଡଙ୍ଗାରେ ୩ ଜଣ ନାବାଳକ ସେଲ୍‌ଫି ନେଉଥିବାବେଳେ ଦୁର୍ଘଟଣା ଘଟିଥିଲା। ଜଣେ ନାବାଳକଙ୍କ ସନ୍ତରଣ ଅଭିଜ୍ଞତା ଥିବାରୁ ଜଳଭଣ୍ଡାରୁ ବାହାରି ପାରିଥିଲେ।

## ବିଶ୍ୱ ଆର୍ଦ୍ରଭୂମି ଦିବସ

ଆର୍ଦ୍ରଭୂମି ଓ ଏହାର ଉପକାରିତା ସମ୍ପର୍କରେ ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ପ୍ରତିବର୍ଷ ଆଜିର ଦିନକୁ ବିଶ୍ୱ ଆର୍ଦ୍ରଭୂମି ଦିବସ ଭାବେ ପାଳନ କରାଯାଉଛି। ଚଳିତବର୍ଷର ବାର୍ତ୍ତା ରହିଛି 'ଭବିଷ୍ୟତ ପାଇଁ ଆର୍ଦ୍ରଭୂମିର ସୁରକ୍ଷା'। ଜୈବ ବିବିଧତା, ଜଳବାୟୁ ନିୟନ୍ତ୍ରଣ ଓ ମାନବ ସମାଜ ପାଇଁ ଆର୍ଦ୍ରଭୂମିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଭବିଷ୍ୟତ ପିଢ଼ିକୁ ଏହାର ସଂରକ୍ଷଣ ଉପରେ ସଚେତନତା ସୃଷ୍ଟି କରିବା ଏହି ଦିବସର ମୂଳ ଲକ୍ଷ୍ୟ।  ୨୦୨୧ ମସିହାରେ ମିଳିତ ଜାତିସଂଘର ସାଧାରଣ ସଭାରେ ଫେବୃୟାରୀ ୨ ତାରିଖକୁ ଆନୁଷ୍ଠାନିକ ଭାବେ ବିଶ୍ୱ ଆର୍ଦ୍ରଭୂମି ଦିବସ ଭାବେ ପାଳନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା।

## କ୍ରିକେଟ

ଜୁଆଲା' ଲାମ୍ପୁରସ୍ଥିତ ବାଇମାସ ଓଭାଲ୍ ଷ୍ଟାଡିୟମରେ ଚାଲିଥିବା ଆଇସିସି ୧୯ ବର୍ଷରୁ କମ୍ ମହିଳା ଟି-ଟ୍ୱେଣ୍ଟି ବିଶ୍ୱକପ୍ ଫାଇନାଲରେ ଭାରତ ଦକ୍ଷିଣ ଆଫ୍ରିକାକୁ ୯ ୱିକେଟ୍‌ରେ ପରାସ୍ତ କରି କ୍ରମାଗତ ଦ୍ୱିତୀୟ ଥର ବିଶ୍ୱ ଚାମ୍ପିଅନ୍ ହୋଇଛି । ପୂର୍ବରୁ ଦକ୍ଷିଣ ଆଫ୍ରିକା ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ୱିକେଟ୍ ହରାଇ ୮୨ ରନ୍ ସଂଗ୍ରହ କରିଥିଲା । ଭାରତ ଗୋଟିଏ ୱିକେଟ୍ ହରାଇ ୧୧ ଓଭର ୨ଟି ବଲ୍‌ରେ ୮୪ ରନ୍ କରିବା ସହ ବିଜୟ ଲକ୍ଷ୍ୟ ହାସଲ କରିଥିଲା ।

## ପାଣିପାଗ

ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆସନ୍ତା ଏକ ସପ୍ତାହ ପର୍ଯ୍ୟନ୍ତ ରାଜ୍ୟରେ ପାଗ ମୁଖ୍ୟତଃ ଶୁଖିଲା ରହିବ । ଉପକୂଳ ଓଡ଼ିଶା ସହିତ ଆଭ୍ୟନ୍ତରୀଣ  ଅଂଚଳରେ ତାପମାତ୍ରା ସ୍ୱାଭାବିକଠାରୁ ଅଧିକ ରହିବ ବୋଲି ଅନୁମାନ କରାଯାଇଛି । ଗତକାଲି ରାଜ୍ୟର ବିଭିନ୍ନ ସ୍ଥାନରେ ତାପମାତ୍ରା ସ୍ୱାଭାବିକଠାରୁ ୩ ରୁ ୪ ଡିଗ୍ରୀ ବୃଦ୍ଧି ପାଇଥିଲା । ରାଜ୍ୟର ୩୧ଟି ସହରର ତାପମାତ୍ରା ୩୦ ଡିଗ୍ରୀରୁ ଊର୍ଦ୍ଧ୍ୱରେ ଥିବାବେଳେ ଝାରସୁଗୁଡ଼ାରେ ଦିନର ତାପମାତ୍ରା ୩୫ ଦଶମିକ ୨ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଥିଲା । ପାଣିପାଗ ବିଭାଗର ସୂଚନା ଅନୁସାରେ, ଝାରସୁଗୁଡ଼ା, ସମ୍ବଲପୁର, ସୁନ୍ଦରଗଡ଼, ବରଗଡ଼, ବଲାଙ୍ଗିର, ସୋନପୁର, ନୂଆପଡା ଜିଲ୍ଲାରେ ଆସନ୍ତା ସପ୍ତାହରେ ତାପମାତ୍ରା ୩୦ ରୁ ୩୪ ଡିଗ୍ରୀ ମଧ୍ୟରେ ରହିବ ।

*********************************